# ନୃସିଂହ ଗୁରୁ -ଅମ୍ଳାନ ଜୀବନର ଧାରା

ଡା. ଗୌରମୋହନ ବିଶ୍ୱାଳ

What is a man born for but to be a reformer a remaker of what has been made for the welfare of the society, a denouncer of lies, a restorer of truth and good.

ଭାରତ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ମହାତ୍ମା ଗାନ୍ଧୀ ଓ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏଇଥି ପାଇଁ ଜନ୍ମ ନେଇ ଥିଲେ ଯେ ଭାରତୀୟ ସମାଜରୁ ଅନ୍ଧ ବିଶ୍ୱାସ, ଅଶିକ୍ଷା, କଳଙ୍କିତ ଜାତି ଭେଦକୁ ଦୂର କରି ସମାଜ ସଂସ୍କାର କରିବେ, ଛଳନାରେ ପ୍ରତିଷ୍ଠିତ ବିଦେଶୀ ଶାସନକୁ ବିତାଡ଼ିତ କରି ସତ୍ୟ ,ଧର୍ମ ବଳରେ ରାମରାଜ୍ୟ ପ୍ରତିଷ୍ଠା କରିବେ ।

ମହାନ ହିନ୍ଦୁଧର୍ମ ଆମକୁ ତାର ପ୍ରତ୍ୟେକ ଅକ୍ଷରରେ ଗୋଟିଏ ଲେଖା ନୀତି ଶିକ୍ଷା ଦିଏ ।

H -Humility - ବିନୟ
I -Individuality - ବ୍ୟକ୍ତିତ୍ୱ
N -Nationality - ରାଷ୍ଟ୍ରୀୟତା
D -Divinity - ଦିବ୍ୟତ୍ୱ
U -Unity - ଏକତା

ସୁତରାଂ ଆମର ଧର୍ମରେ ରାଜନୀତିର ବିଭସ୍ତତା ନାହିଁ ବା ପୃଥ୍ୱ ଦଖଲ କରିବାର ସାମାନ୍ୟ ସ୍ପୃହା ନାହିଁ । ଏହା କେବଳ ଉଚ୍ଚ ମାନବବାଦ ଆଦର୍ଶ,ଋତ,ତାପସ, ଧାନ, ଦାନ ,ତ୍ୟାଗର ସମ୍ମିଶ୍ରଣ । ଏଇ ଆଦର୍ଶକୁ ନେଇ ୮୦ ବର୍ଷ ତଳେ ମହାନ୍ ବିପ୍ଲବୀମାନେ ଭାରତୀୟ ଜାତିକୁ ଅନ୍ଧତ୍ୱ ମୁକ୍ତ କରି ନୂତନ ଆଲୋକ ପ୍ରଦାନ ନିମନ୍ତେ ସତ୍ ଉଦ୍ଦେଶ୍ୟ ନେଇ ସଂଗ୍ରାମରେ ଝାସ ଦେଇଥିଲେ । ସେଇ ସଗ୍ରାମୀ ମାନଙ୍କର ଜୀବନ ବଳିଦାନ ଆଜିର ଉଚ୍ଛୃଙ୍ଖଳ ସ୍ୱାଧିନ ଭାରତୀୟ ସମାଜ ଭୁଲିଗଲା । ତାଙ୍କର ସ୍ୱପ୍ନର ରାମରାଜ୍ୟ ଆଜି ଜରାସନ୍ଧ-ରାଜ୍ୟରେ ପରିଣତ ହୋଇଗଲା । ଆର୍ଯ୍ୟର ଜନ୍ମ, ଦେଶ ଓ ଜାତିର ହିତ ପାଇଁ, ଗରୀବ ନୀରିହଙ୍କ ରକ୍ତ ପି ନଭୋଶ୍ଚୁମ୍ବୀ ସଂପତ୍ତି ସଂଚୟ ପାଇଁ ନୁହେଁ । ଶାସକର ଜନ୍ମ, ପ୍ରଜାହିତ ପାଇଁ ପ୍ରଜାଙ୍କୁ ଧ୍ୱଂସ କରିବା ପାଇଁ ନୁହେଁ । ଭାରତୀୟ ସମାଜରେ ଆଜି ଉଚ୍ଛୃଙ୍ଖଳତା ଆର୍ଯ୍ୟ ବା ହିନ୍ଦୁ ଧର୍ମର ସଂପୂର୍ଣ୍ଣ ବିପରୀତ ।

ଏହି ପରିପ୍ରେକ୍ଷୀରେ ଆମେ ସ୍ୱାଧିନତା ସଂଗ୍ରାମୀ ନୃସିଂହ ଗୁରୁ ଜୀବନ ଅନୁଧାନ କଲେ ଜାଣିବା ଯେ ସେ ମାନବ ଜନ୍ମର ଉଦ୍ଦେଶ୍ୟ ବୁଝିଥିଲେ ଏବଂ ପ୍ରକୃତ ହିନ୍ଦୁଥିଲେ ଏବଂ ହିନ୍ଦୁତ୍ୱକୁ ଅପର ପକ୍ଷରେ ପାଳି

କରୁଥିଲେ । ସୁତରାଂ ମହାତ୍ମା ଗାନ୍ଧୀଙ୍କର ଜୀବନର ଦର୍ଶନ ଯାହା ଗୁରୁଜୀଙ୍କ ମଧ ସେଇୟା ଥିଲା କହିଲେ ଚଳେ ।

ନୃସିଂହ ଗୁରୁ ଥିଲେ ଗାନ୍ଧୀଙ୍କର ସଚ୍ଚୋଟ ଶିଷ୍ୟ । ସେ ମାଟ୍ରିକ ପାସ କରି ଇଂରେଜ ସରକାରରେ ଡେପୁଟୀ ହୋଇ ପାରିଥାନ୍ତେ ବା ବି.ଏ. ପାସ କରି ସେକ୍ରେଟେରୀ ଭଳି ଉଚ୍ଚଆସନ ଲାଭ କରି ପାରିଥାନ୍ତେ । କିନ୍ତୁ ଗାନ୍ଧୀଙ୍କର ଡାକରାରେ ହାଇସ୍କୁଲ ପାଠପଢା ଛାଡ଼ି, ସ୍ୱାର୍ଥ ସର୍ବସ୍ୱ ଭବିଷ୍ୟତକୁ ଗୋଇଠା ମାରି ସେ ପ୍ରସ୍ତୁତ ହେଲେ ବ୍ରିଟିଶ୍‌ର ଲାଠି ମାଡ଼ ଓ ବନ୍ଦୀଶାଳା ପାଇଁ । ପ୍ରକୃତ ହିନ୍ଦୁର ଆଦର୍ଶ ଓ ମଣିଷ ଜନ୍ମର ସାର୍ଥକତା ପ୍ରତିପାଦନ କରିଗଲେ ତାଙ୍କ ଜୀବନ କାଳ ଭିତରେ । ସେ ନିଜ ପାଇଁ,ଆର୍ଥିକ ସ୍ୱଚ୍ଛଳତା ପାଇଁ, ପୁତ୍ର କନ୍ୟାଙ୍କୁ ଅତି ଉଚ୍ଚ ଆସନକୁ ନେବା ପାଇଁ କେବେ ଚିନ୍ତା ମଧ କରିନଥିଲେ । ତାଙ୍କର ଚିନ୍ତା-ଦେଶ ଓ ସମାଜ । ନୃସିଂହ ଗୁରୁ--ସେତେବେଳର ଦଳିତ, ଅନ୍ଧକାରାଚ୍ଛନ୍ନ ଅଶିକ୍ଷିତ ଭାରତୀୟ ସମାଜକୁ ପଶୁତ୍ୱରୁ ଦେବତ୍ୱକୁ (ନରସିଂହ) ନେବା ପାଇଁ ସେ ଥିଲେ ଶିକ୍ଷକ ବା ଶିକ୍ଷାଦାତା(ଗୁରୁ) । ଖାଦ୍ୟ, ଅଧା କଂସା ପଖାଳ,କିଛିଶାଗ, ଉଲି, ବଡ଼ି,ଭେଣ୍ଡି ବା ଆଳୁ ପୋଡ଼ା କେତେ ସରଳ ତୃପ୍ତିକର ଖାଦ୍ୟ, ଯାହା ଆଜିର ଫାଷ୍ଟଫୁଡ ଖାଇ ରୋଗଗ୍ରସ୍ତ ହେଉଥିବା ଶିକ୍ଷିତ ଗୋଷ୍ଠୀ ଖାଇବାକୁ ନାକ ଟେକିବେ । ପୋଷାକ, ଖଣ୍ଡେ ଆଣ୍ଠୁଲୁଚା ଖଦଡ଼ ଧୋତି, କାନ୍ଧରେ ଖଦଡ ଗାମୁଛା ଓ କାଗଜ ପତ୍ର ରଖିବାକୁ ଗୋଟିଏ ଖଦଡ଼ ବ୍ୟାଗ୍ । ଚପଲ ନାଇଁ, ଯୋତା ନାଇଁ ଖାଲି ପାଦରେ ଗାଁ ଗଣ୍ଡା ପରିକ୍ରମା । କଥା ଓ ବ୍ୟବହାର ଅତି ସରଳ, ନମ୍ର । ହାତ ପତେଇ କାହାକୁ କିଛି ମାଗିବା ନାହିଁ । ଗାଁ ଜମିରୁ ଯାହା ଆସିଲା, 'ସମାଜ' ପତ୍ରିକାର ଏଜେଣ୍ଟ ଭାବେ ଅଳ୍ପ କିଛି ଯାହା ପାଇଲେ ସେଥିରୁ ଘର ଚଳେ । ନାନାଦି ଦୈବୀ ଦଣ୍ଡକୁ ସେ ଭଗବାନଙ୍କ ପରୀକ୍ଷା ବୋଲି ଭାବି ସାରା ଜୀବନ ସ୍ଥିତପ୍ରଜ୍ଞ ହୋଇ ରହିଗଲେ । ଜେଲ ଯିବାରେ, ଲାଠିମାଡ଼ ଖାଇବାରେ ନିର୍ବିକାର । ଭାରତ ସ୍ୱାଧୀନ ହେଲା । କେବେ କୌଣସି ଦେଶୀ ଶାସକ ପାଖେ କୌଣସି ପଦପଦବୀ ବା ପଦକ ଉପହାର ପାଇଁ ଠିଆ ହୋଇ ନାହାନ୍ତି । ସେ ଥିଲେ ଆତ୍ମ ପ୍ରଚାର ବିରୋଧୀ । ସୁତରାଂ ତାଙ୍କର ଜୀବନ କାଳ ଭିତରେ ବହୁଲୋକ ପ୍ରକୃତ ନରସିଂହ ଗୁରୁଙ୍କୁ ଜାଣିପାରିଲେ ନାହିଁ ।

ଆଜି ଆମ ଆଗରେ ଗୋଟାଏ ପ୍ରଶ୍ନ ଯେଉଁ ମହାମାନବ ମାନେ ନିଜର ସର୍ବସ୍ୱ ତ୍ୟାଗ କରି ଗୋଟିଏ ନୂତନ ସ୍ୱାଧୀନ ଭାରତୀୟ ସମାଜ ପାଇଁ ପ୍ରାଣପାତ କରିଥିଲେ, ସେମାନଙ୍କୁ ଆମେ ମନେ ରଖିଛନ୍ତି କି ?ପଶ୍ଚିମ ଓଡ଼ିଶାରେ ଚନ୍ଦ୍ରଶେଖର ବେହେରା, ନୃସିଂହ ଗୁରୁ, ଦୟାନନ୍ଦ ଶତପଥୀ, ଦୁର୍ଗାପ୍ରସାଦ ଗୁରୁ, ମକରଧ୍ୱଜ ପ୍ରଧାନ,ଗୋପୀନାଥ ପ୍ରଧାନ,ରଥ ବିଶ୍ୱାଳ,ମାଧୋ ସିଂ ଇତ୍ୟାଦି । ଆଉ ଅନେକ ସଂଗ୍ରାମୀଙ୍କ ଭିତରୁ ଅଳ୍ପ କେଇ ଜଣଙ୍କ ନାମ କିଛି ଲୋକ ଜାଣନ୍ତି । କିନ୍ତୁ ଅଧିକାଂଶଙ୍କ ବିଷୟରେ କେହି କିଛି ଜାଣନ୍ତି ନାହିଁ । ଗବେଷଣା ଦ୍ୱାରା ଏଇ ପାଶୋରି ଯାଇଥିବା ଏଇ ସଂଗ୍ରାମୀ ମାନଙ୍କୁ ଇତିହାସ ପୃଷ୍ଠାକୁ ସ୍ଥାନୀୟ ଐତିହାସିକ ବା ବୁଦ୍ଧିଜୀବୀ ମାନେ ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ । ଆମେ ତ ନିଜ ବାପା ଅଜାଙ୍କ କଷ୍ଟାର୍ଜିତ ସମ୍ପତ୍ତି ଭୋଗ କରି ତାଙ୍କ ରକ୍ତରୁ ଜନ୍ମ ନେଇ ତାଙ୍କ ନାମ ମଧ ମନେ ରଖି ପାରୁ ନାହାନ୍ତି, ଦେଶକୁ ଆତ୍ମବଳି ଦେଇ କିଏ ସ୍ୱାଧୀନ କଲା, କାହାର ପରିଶ୍ରମର ଫଳ ଆମେ ଭୋଗ କରୁଛୁ ସେ ସବୁ ଜାଣିବାର ଦରକାର କଣ ?